## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ତିହିଡ଼ି,(ଡି.ଏନ.ଏ.)-ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଅଚକ ଗ୍ରାମରେ ଏକ ଜୁଆ ଆଡ୍ଡାରେ ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରିଛି। ୬ଜଣଙ୍କୁ ଗିରଫ ସହ ଜୁଆ ସରଞ୍ଜାମ ଓ ସାଢ଼େ ୬ ହଜାର ଟଙ୍କା ଜବତ କରିଛି ପୋଲିସ। ଗିରଫ ୬ଜଣ ହେଲେ ଉକ୍ତ ଗ୍ରାମର ବଂଶୀଧର ବେହେରା, ଭବେଶ ଗୋଛାୟତ, ଶରତ ସେଠୀ, ସୁମିତ ପୁହାଣ, ପୂର୍ଣ୍ଣାନନ୍ଦ ବେହେରା ଓ ସନ୍ତୋଷ ରାଉତ। ଏନେଇ ଥାନାରେ ଏକ ମାମଲା (ନଂ. ୨୦୧/୨୩) ରୁଜୁ ହୋଇଛି। ଅଚକ ଗ୍ରାମର ଏକ ଗୁପ୍ତ ସ୍ଥାନରେ ନିୟମିତ ତାସ ଜୁଆ ଖେଳ ଚାଲିଥିବା ଖବର ପାଇବା ପରେ ଆଇଆଇସି ମହମ୍ମଦ ହାଫିଜଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ଗୁପ୍‌ଚୁପ୍ ଟଙ୍କା ମାଗିବାରୁ ଆକ୍ରମଣ

ପାଟଣା,୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ଗ୍ରାମର ଅନୀଲ ମହାକୁଡ଼ଙ୍କ ଘରେ ପଶି ତାଙ୍କ ପୁତୁରାମାନେ ଗୁପଚୁପ ଖିଆ ଟଙ୍କାକୁ ନେଇ ଆକ୍ରମଣ କରିଛନ୍ତି। ଏ ନେଇ ଶନିବାର ପାଟଣା ଥାନାରେ ଅନୀଲ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ରଜାଭା ସାପ୍ତାହିକ ହାଟରେ ଅନୀଲ ଗୁପଚୁପ ବିକ୍ରି କରନ୍ତି। ଶୁକ୍ରବାର ତାଙ୍କ ପୁତୁରା ରକ୍ଷାକର ଦେହୁରୀ, ଡାକ୍ତର ଦେହୁରୀ, ଦଶରଥ ଦେହୁରୀ ଗୁପ୍‌ଚୁପ୍ ଖାଇ ପଇସା ଦେଇ ନ ଥିଲେ। ଫଳରେ ଅନୀଲଙ୍କ ସହ ପୁତୁରାମାନଙ୍କ ବଚସା ହୋଇଥିଲା। ପରେ ସେଠାରୁ ସମସ୍ତେ ପଳାଇଥିବା ବେଳେ ରାତିରେ ଘରେ ପଶି ଠେଙ୍ଗାରେ ଅନୀଲ ଓ ତାଙ୍କ ସ୍ତ୍ରୀ ଭମାଙ୍କୁ ପୁତୁରାମାନେ ପିଟିଥିଲେ। ଏ ନେଇ ପାଟଣା ଥାନାରେ ଅଭିଯୋଗ ପରେ ପୋଲିସ(ନଂ. ୭୫/୨୩)ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

### ଯୁବକଙ୍କଠାରୁ ଲୁଟି ନେଲେ ଟଙ୍କା, ମୋବାଇଲ ଫୋନ

ବାହାନଗା, ୬।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗଣ୍ଡସ୍ଥପୁର ଗ୍ରାମ ଛକ ନିକଟରେ ଗୁରୁବାର ରାତିରେ ଜଣେ ଯୁବକଙ୍କଠାରୁ ଟଙ୍କା ଓ ମୋବାଇଲ ଫୋନକୁ ୩ ଜଣ ଦୁର୍ବୃତ୍ତ ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଏନେଇ ଯୁବକ ଜଣକ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୋର ଥାନା ଅଧୀନ ମୁଲିସିଂ ପଞ୍ଚାୟତର ତେନ୍ତୁଳିଗଛି ଗ୍ରାମର ଶରତ ମହାକୁଡ(୩୬) ବିଦୁସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ସେ ପ୍ରତିଦିନ ଭଳି ଗତ ଗୁରୁବାର ରାତିରେ ନିଜ ସାଇକେଲ ଯୋଗେ କମ୍ପାନୀକୁ କାମରେ ଯୋଗଦେବା ପାଇଁ ଆସୁଥିବା ବେଳେ ଗଣ୍ଡସ୍ଥ ଛକ ନିକଟରେ ୩ ଜଣ ଦୁର୍ବୃତ୍ତ ୨ଟି ମୋଟର ସାଇକେଲରେ ଆସି ଶରତଙ୍କୁ ମାଡ ମାରିବା ସହିତ ତାଙ୍କ ନିକଟରେ ଥିବା ୭ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟ୍ କରି ସାଉଡୁ ଆଡକୁ ପଳାଇଥିଲେ।

### ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ନୀଳଗିରି, ୬।୫(ସ୍ୱ.ପ୍ର.)-ନୀଳଗିରି କେସି ହାଇସ୍କୁଲ ପଡ଼ିଆରେ ୩ ଦିନିଆ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଲିଉଡର ଆଗଧାଡିର ଯୁବ କଣ୍ଠଶିଳ୍ପୀଙ୍କ ସ୍ୱରରେ ଦର୍ଶକ ଝୁମିବା ସହ ମତୁଆଲା ହୋଇଥିଲେ। ପ୍ରଥମେ ମୁଖ୍ୟଅତିଥି ଓ ଅନ୍ୟଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆବାହକ ସବ୍ୟସାଚୀ ମହାପାତ୍ର ଦ୍ୱିତୀୟ ସନ୍ଧ୍ୟାରେ ସଭାପତିତ୍ୱ କରିଥିବା ବେଳେ ଡ. ଅକ୍ଷୟ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କଂଗ୍ରେସର ବରିଷ୍ଠ ନେତା ତଥା ଗତ ବାଲେଶ୍ୱର ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ସ୍ନେହ, ପ୍ରେମ, ମମତା, ବନ୍ଧୁତା, ଏକତା ଓ ମାନବିକତାର କଥା ବଖାଣିଥାଏ ମହୋତ୍ସବ ବୋଲି କହିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଲିଉଡ କଳାକାରଙ୍କ ମନଛୁଆଁ ଗୀତରେ ହଜାର ହଜାର ଦର୍ଶକ ଝୁମିଥିଲେ।

# ପ୍ରଧାନ ଶିକ୍ଷକ ନିଯୁକ୍ତିକୁ ବିରୋଧ

■ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

■ସିଆର୍‌ସିସିଙ୍କୁ ଭିତରକୁ ଛାଡ଼ିଲେନି

ଆରଡ଼ି, ୬।୫ (ଡି.ଏନ୍.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟରେ ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକ ନିଯୁକ୍ତିକୁ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାକୁ ନେଇ ସେମାନେ ଶନିବାର ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଏପରିକି ସିଆର୍‌ସିସିଙ୍କୁ ଭିତରକୁ ଛାଡ଼ି ନ ଥିଲେ।

ପ୍ରକାଶ ଯେ, ଚଳିତ ମାସ ୧ ତାରିଖରେ କୋଇଲଖା ପ୍ରାଇମେରୀ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପଦୋନ୍ନତି ପାଇ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗଦେବା ପାଇଁ ନିଯୁକ୍ତିପତ୍ର ପାଇଥିଲେ। ହେଲେ ଗ୍ରାମବାସୀ ଏହାକୁ ବିରୋଧ କରି ତାଙ୍କୁ ଏହି ବିଦ୍ୟାଳୟରେ ଯୋଗଦାନ କରାଇ ଦେଇ ନ ଥିଲେ। ସୁନ୍ଦରପୁର ବିଦ୍ୟାଳୟରେ ଜଣେ ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିବାବେଳେ ସୁଚାରୁରୂପେ କାର୍ଯ୍ୟ



ସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟ ଫାଟକ ଆଗରେ ଗ୍ରାମବାସୀ ସିଆର୍‌ସିସିଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ପାଦନ କରୁଥିବା ଦର୍ଶାଇ ଏହି ନିଯୁକ୍ତିକୁ ବିରୋଧ କରିଥିବା ଗ୍ରାମବାସୀ କହିଛନ୍ତି। ଗତ ୩ ତାରିଖରେ ଏନେଇ ଏକ ଦାବିପତ୍ର ମଧ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ବ୍ଲକ ଶିକ୍ଷାଧିକାରୀ ଶନିବାର ଉକ୍ତ ଶିକ୍ଷୟିତ୍ରୀଙ୍କୁ ଏଠାରେ ଯୋଗଦେବାକୁ ମଠଡିହ କ୍ଲଷ୍ଟର ସିଆର୍‌ସିସି ନିକୁଞ୍ଜ ବିହାରୀ କରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏକଥା ଜାଣିବା ପରେ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ସିଆର୍‌ସିସିଙ୍କୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ପରେ ଏହାର ପୁନର୍ବିଚାର କରିବାକୁ ସିଆର୍‌ସିସିଙ୍କ ମାଧ୍ୟମରେ ସେମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ମଠଡିହ କ୍ଲଷ୍ଟର ଅଧୀନରେ ଥିବା ସାଠିବାଙ୍କୁଡ଼ା ଓ ଖଟୁଆ ପାଟଣା ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିଲେ ମଧ ସେଠାରେ ନିଯୁକ୍ତି ଦିଆ ନ ଯାଇ ଶିକ୍ଷକ ଭରପୁର ଥିବା ସ୍କୁଲରେ ନିଯୁକ୍ତି ଦେବା କେତେଦୂର ନ୍ୟାୟ ସଙ୍ଗତ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ସମେତ ପୂର୍ବତନ ଶିକ୍ଷା ପରିଚାଳନା କମିଟି ଚେୟାରମ୍ୟାନ ପ୍ରଫୁଲ୍ଲ ମହାଲିକ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ପ୍ରଣୟ ନାୟକଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକ ନିଯୁକ୍ତିକୁ ନେଇ ଯାହା ବିଧି ବ୍ୟବସ୍ଥା ଅଛି ତାହାହିଁ ସୁନ୍ଦରପୁର ପ୍ରାଇମେରୀ ସ୍କୁଲରେ ପାଳନ ହେବ ବୋଲି କହିଛନ୍ତି।

# ରେଞ୍ଜସ୍ତରୀୟ ବନସୁରକ୍ଷା ସମିତି ଫୋରମ ବୈଠକ




ମଞ୍ଚରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୬।୫(ସ୍ୱ.ପ୍ର.)

ସ୍ଥାନୀୟ ସଂସ୍କୃତି ଭବନଠାରେ ସଦର ରେଞ୍ଜ ପକ୍ଷରୁ ରେଞ୍ଜସ୍ତରୀୟ ବନସୁରକ୍ଷା ସମିତି ଫୋରମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ରେଞ୍ଜ ଅଧିକାରୀ ବିଜୟ ମହାନ୍ତଙ୍କ ସଭାପତିତ୍ୱରେ ଅତିଥିଭାବରେ ଏସିଏଫ ଜିତେନ୍ଦ୍ର କୁମାର ବେହେରା, ସଦର ବ୍ଲକ୍ ଅଧ୍ୟକ୍ଷ ଜ୍ୟୋତିର୍ମୟ ନାୟକ, ଶଙ୍କିରି ସରପଞ୍ଚ ସଂଯୁକ୍ତା ନାଏକ ଓ ନେଲୁଙ୍ଗ ସରପଞ୍ଚ ଚନ୍ଦ୍ରମଣୀ ସିଂ ଯୋଗଦେଇ ବନ ସୁରକ୍ଷା ସମିତିର କାମକାର୍ଯ୍ୟ, ସେମାନଙ୍କ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାରେ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସଦର ରେଞ୍ଜ ଅଧିକାରୀ ମହାନ୍ତ ହାତୀ ଦ୍ୱାରା ମୃତାହତଙ୍କ ପାଇଁ ସରକାର ବୃଦ୍ଧି କରିଥିବା ସହାୟତା ରାଶି ବିଷୟରେ ଅବଗତ କରାଇଥିଲେ। ମୃତ ପାଇଁ ଏବେ ଅନୁକମ୍ପା ରାଶି ୪ ରୁ ୬ ଲକ୍ଷ ବୃଦ୍ଧି କରାଯାଇଥିବା ବେଳେ ସାମାନ୍ୟ ଆହତମାନଙ୍କୁ (୬୦ ପ୍ରତିଶତରୁ କମ) ଦେଢ଼ ଲକ୍ଷ ଲକ୍ଷ ଟଙ୍କା ଏବଂ (୬୦ ପ୍ରତିଶତରୁ ଅଧିକ) ଆହତମାନଙ୍କୁ ଅଢ଼େଇ ଲକ୍ଷ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ଥିବା ଅବଗତ କରାଇଥିଲେ। ସେହିପରି ହାତୀ ଉପଦ୍ରବ ଦ୍ୱାରା ଫସଲ ଓ ଘରବାଡ଼ି କ୍ଷତିର କ୍ଷତିପୂରଣ ବ୍ୟବସ୍ଥା ବିଷୟରେ ଅବଗତ କରିଥିଲେ। ଏହାଛଡ଼ା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲର ସୁରକ୍ଷା କରିବା ସହ ହାତୀ ଉପଦ୍ରବ ଓ ଏହାର ନିରାକରଣ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବନ ସୁରକ୍ଷା ସମିତିର ୧୧୬ ଜଣ ସଦସ୍ୟ ତଥା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟାଉନ ଫରେଷ୍ଟର ପ୍ରଦୀପ ବାରିକ ପରିଚାଳନା କରିଥିଲେ। ଜଙ୍ଗିରା ଫରେଷ୍ଟର ଶରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଇମାମୀ ନଗରରେ ଚନ୍ଦନ ଯାତ୍ରା



ଇମାମୀ ନଗରରେ ଚନ୍ଦନ ଯାତ୍ରା ବେଳେ ଉପସ୍ଥିତ ଶ୍ରଦ୍ଧାଳୁ।

ବାଲେଶ୍ୱର ଅଫିସ, ୬।୫

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଶ୍ରୀ ଜଗନ୍ନାଥ ମନ୍ଦିର ଇମାମୀନଗର ବାଲିଗୋପାଳପୁରରେ ପ୍ରତିବର୍ଷ ଭଳି ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ଚଳିତବର୍ଷ ଚନ୍ଦନଯାତ୍ରା ଶେଷ ହୋଇଛି। ଅକ୍ଷୟ ତୃତୀୟାରେ ରଥ ଅନୁକୂଳ ପରେ ଚନ୍ଦନଯାତ୍ରା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଶେଷ ହୋଇଥିଲା। ଚନ୍ଦନଯାତ୍ରାରେ ପ୍ରତିଦିନ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ପୁଷ୍ପ ସୁସଜ୍ଜିତ ପୁଷ୍କରଣୀରେ ମହାପ୍ରଭୁଙ୍କର ଚାପଖେଳ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ମନ୍ଦିର ମୁଖ୍ୟ ପୁରୋଧା ତଥା ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋୟେଙ୍କା ଯୋଗଦେଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସ୍ଥାନୀୟ ଇମାମୀ କାଗଜକଳ ସଭାପତି ଆଶିଷ ଅବିନାଶ ଗୁପ୍ତା, ମୁଖ୍ୟ ପରିଚାଳକ ଡ. ୟୁସୁଫ୍ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ଉପସଭାପତି ରାଜେଶ କୁମାର ମଣ୍ଡଳ, ଡିଜିଏମ୍ (ଲ୍ୟାବ୍ ଆଣ୍ଡ୍ କ୍ୱାଲିଟି କଣ୍ଟ୍ରୋଲ୍) ରମେଶ ଚନ୍ଦ୍ର ଖୁଣ୍ଟିଆ, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଲ ରଞ୍ଜନ ଦାସ ସାମନ୍ତରାୟ, ମୁଖ୍ୟ ପୂଜକ ପ୍ରଦୀପ୍ତ ମିଶ୍ର ତଥା ମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ଇମାମୀ କଲୋନୀ ଲେଡିଜ୍ କ୍ଲବ ସଭାପତି ବନ୍ଦନା ଗୁପ୍ତା ତଥା ଅନ୍ୟତମ ସଦସ୍ୟା ନୀରଜା ରବି କୁମାର ସମେତ ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଆସନ୍ତା ଜୁନ୍ ୪ ତାରିଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନପୂର୍ଣ୍ଣିମା, ଗଜାନନ ବେଶ, ଅଣସର ଆରମ୍ଭ, ୧୯ ଜୁନ୍‌ରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଦେବୀଙ୍କର ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଉଭାଯାତ୍ରା ଏବଂ ୨୦ ଜୁନ୍‌ରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ।

# ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦୁଝର,୬।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆସନ୍ତା ୧୩ ତାରିଖ ଶନିବାର ଜିଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରଧୀନ ମକଦ୍ଦମା ଯଥା- ଦେୱାନୀ, ଫୌଜଦାରୀ, ମୋଟର ଯାନ, ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ବୁଝାମଣା ଓ ସହମତିରେ ସମାଧାନ କରାଯାଇପାରିବ। ବିଚାରଧୀନ ମାମଲା ସହ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମାସ୍ତରୀୟ ତଥା କଚେରୀରେ ଦାୟର ହୋଇ ନ ଥିବା ବିବାଦର ମଧ ସମାଧାନ କରାଯାଇପାରିବ ବୋଲି ଜିଲା ଆଇନସେବା ପ୍ରାଧିକରଣର ସଚିବ ମାମି ବେହେରା ସୂଚନା ଦେଇଛନ୍ତି। ରାଷ୍ଟ୍ରୀୟ ଲୋକ ଅଦାଲତରେ କୌଣସି ପ୍ରକାର ଆର୍ଥିକ ବ୍ୟୟ କରାଯିବାକୁ ପଡୁ ନ ଥିବାରୁ ଜନସାଧାରଣ ଉକ୍ତ ଲୋକ ଅଦାଲତର ସୁଯୋଗ ନେବାକୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଚନ୍ଦନ ଯାତ୍ରାରେ ନାବକେଳି, ଲଉଡ଼ି ନୃତ୍ୟ



ପରିବେଷିତ ଲଉଡ଼ି ନୃତ୍ୟ।

ପଦ୍ମପୁର, ୬।୫(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକର ସାହାଡ଼ାଠାରେ ଚନ୍ଦନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସ୍ୱର୍ଗତ ମହେଶ୍ୱର ଦାସଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଏହି ଚନ୍ଦନ ଯାତ୍ରା ଶହେ ବର୍ଷ ପୂର୍ତ୍ତି କରିଛି। ଏଥିଲାଗି ସାହାଡ଼ା ପଞ୍ଚାୟତର ସମସ୍ତ ଗ୍ରାମବାସୀ ଏହି ଯାତ୍ରାକୁ ପାଳନ କରିଛନ୍ତି। ପାରମ୍ପରିକ ରୀତିନୀତି ଅନୁସାରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇ ଠାକୁରଙ୍କୁ ଚନ୍ଦନ ଲାଗି କରାଯାଇଥିଲା। ସୁସଜ୍ଜିତ ବିମାନରେ ଠାକୁରଙ୍କୁ ବାସୁଦେବପୁର ଚନ୍ଦନ ପୋଖରୀ ନିକଟକୁ ଅଣାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ଠାକୁରଙ୍କ ନାବକେଳି ଓ ଲଉଡ଼ି ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲା ପରିଷଦ ସଭ୍ୟ ମଳୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଡା. ପୂର୍ଣ୍ଣଚନ୍ଦ୍ର ଦାସ, ଶରତ କୁମାର ଦାସ, ରମେଶ ଚନ୍ଦ୍ର ଦାସ, ସାମାଜିକ କର୍ମୀ ହୀରାଲାଲ ମୁଦୁଲି, ପ୍ରିୟରଞ୍ଜନ ମହାନ୍ତି, ଗଦାଧର ଧୂପାଳ, ମାଧବାନନ୍ଦ ଦାସ, ଭବସିନ୍ଧୁ ଜେନା, ଦିବାକର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ସାବରଙ୍ଗ, ଗୋରାମାଟି, ପଦ୍ମପୁର, ଅଣ୍ଡରାଇ, ସୁଗୋ ଓ ଏଡ଼ତାଳ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ।

# ୨୯ରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନୀଳଗିରି, ୬।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜଗନ୍ନାଥ ମନ୍ଦିର ନିକଟସ୍ଥ ଠାକୁର ମାହାଲ କାର୍ଯ୍ୟାଳୟ ପରିସରରେ ଠାକୁରମାହାଲର ସଭାପତି ରାଣୀ ମନୋଜାମଞ୍ଜରୀ ଦେବୀଙ୍କ ଆହ୍ୱାନରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ଶ୍ରୀ ଜଗନ୍ନାଥ ମନ୍ଦିରରେ ନବନିର୍ମିତ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ସମ୍ବନ୍ଧରେ ରାଣୀ ସୂଚନା ଦେବା ସହ ଓଡ଼ିଶାବାସୀଙ୍କୁ ନିମନ୍ତ୍ରଣ କରିଥିଲେ।

ଆସନ୍ତା ମେ' ୨୮ ତାରିଖ ସନ୍ଧ୍ୟାରେ ଅଙ୍କୁରରୋପଣ ସହ ଅଧିବାସ, ୨୯ରେ ଦେବୀ ସ୍ଥାପନା ଓ ପ୍ରତିଷ୍ଠା, ୩୦ରେ ଉପଚାର ପୂଜା, ଯଜ୍ଞ ଓ ପ୍ରସାଦସେବନ, ୩୧ରେ ପୂର୍ଣ୍ଣାହୁତି ଓ ପ୍ରସାଦସେବନ ହେବା ନେଇ ବ୍ରାହ୍ମଣ ନିଯୋଗ ସଭାପତି ବ୍ରହ୍ମା ସରୋଜ କୁମାର ନନ୍ଦ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ସଂଘର ସଭାପତି ମାୟାଧର ମହାନ୍ତି ମଧ ଠାକୁରମାହାଲର ସହଯୋଗ ନିମନ୍ତେ ରାଣୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସମ୍ମିଳନୀରେ ବ୍ରହ୍ମା ପୂଣ୍ୟଶ୍ଳୋକ ନନ୍ଦ, ଯୋଗେନ୍ଦ୍ର ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିବନ୍ଧୁ କର, ଚୁନରା ଦେବାଶିଷ ଦାଶ, ଶୁଭାଶିଷ ଆଚାର୍ଯ୍ୟ, ରଶ୍ମିରଞ୍ଜନ ରାଉତ, ବୁଦ୍ଧଦେବ ସରକାର, କଟି ସିଂ, ଜିଲା ବ୍ରାହ୍ମଣ ସମିତି ନୀଳଗିରି ଶାଖା ସଭାପତି ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ବେହେରା, ରମାକାନ୍ତ ନାୟକ, ନେତ୍ରାନନ୍ଦ ବିଶ୍ୱାଳ, ଉମେଶ ପଣ୍ଡା, ଠାକୁରମାହାଲ କର୍ମଚାରୀ ରମେଶ ଦାସ ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଇଦ୍ ମିଳନ, କବାଲି ପ୍ରତିଯୋଗିତା

ଧାମନଗର, ୬।୫ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବଜାର ମୁଲାନାସାହି ଛକଠାରେ ୟୁଥ୍ କମିଟି ଆନୁକୂଲ୍ୟରେ ଇଦ୍ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେକ୍ ଜାଫର ଅଲ୍ଲୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାମନଗର ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା ଯୋଗ ଦେଇଥିଲେ। ଇଦ୍ ମିଳନ ପରି କାର୍ଯ୍ୟକ୍ରମ ମାଧ୍ୟମରେ ଧାମନଗରଠାରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ସୁଦୃଢ଼ କରାଯାଇପାରିବ ବୋଲି ସେ କହିଥିଲେ। ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ସେକ୍ ମୁସ୍ତାକ, ଖବରଦାତା ପ୍ରଦୀପ କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ସାମାଜିକ କର୍ମୀ କୁମାରେଶ ଖିଲାର, ସେକ ହାମିଦୀ, ସେକ୍ ସୈଫୁଦ୍ଦିନି ପ୍ରମୁଖ ଭାଇଚାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରତିଭାବାନ ବ୍ୟକ୍ତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବାଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ରେଫର ହେଉଛନ୍ତି ସାଧାରଣ ରୋଗୀ




ଉପଖଣ୍ଡ ଚିକିତ୍ସାଳୟ ।

**ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ**

**ମିଳୁନି ଅତ୍ୟାଧୁନିକ ଚିକିତ୍ସା ସେବା**

ଚମ୍ପୁଆ,୬।୫(ଡି.ଏନ୍.ଏ)

କେନ୍ଦୁଝର ଜିଲା ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟରେ ଥିବା ଚିକିତ୍ସାଳୟରେ ଅବ୍ୟବସ୍ଥା ଲାଗିରହିଛି। ଏହା ଜିଲାର ସର୍ବପୁରାତନ ଚିକିତ୍ସାଳୟ ହୋଇଥିବା ବେଳେ ଏଠାରେ ଅତ୍ୟାଧୁନିକ ସେବା ମିଳିପାରୁନାହିଁ। ନୂତନ ଜ୍ଞାନକୌଶଳରେ ନିର୍ମିତ ମେଶିନ ନ ଥିବା ବେଳେ ଯାହା ରହିଛି ତାକୁ ପରିଚାଳନା କରିବାକୁ କର୍ମଚାରୀ ନାହାନ୍ତି। ସାଧାରଣ ରୋଗ ପାଇଁ ଡାକ୍ତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରୁଛନ୍ତି। ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଚିକିତ୍ସାଳୟରେ ରୋଗୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଉକ୍ତ ଚିକିତ୍ସାଳୟ ୧୯୧୦ରେ ନିର୍ମିତ ହୋଇଥିଲା। ଏହା ଉପରେ ମୟୂରଭଞ୍ଜ, ଝାଡ଼ଖଣ୍ଡ ଓ ସୁନ୍ଦରଗଡ଼ ଅଞ୍ଚଳ ସମେତ ସ୍ଥାନୀୟ ଅଞ୍ଚଳର ଶହରୁ ଊର୍ଦ୍ଧ୍ୱ ରୋଗୀ ନିର୍ଭର କରନ୍ତି। ମାତ୍ର ଏଠାରେ ଦୀର୍ଘ ବର୍ଷ ହେବ ଡିଜିଟାଲ ଏକ୍ସ-ରେ ମେଶିନ ପାଇଁ ଦାବି ହୋଇଆସୁଥିଲେ ମଧ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଉପଲବ୍ଧ ହୋଇ ପାରିନାହିଁ। ସେହିପରି ଅଲ୍ଟ୍ରାସାଉଣ୍ଡ ମେଶିନ ଥିଲେ ମଧ ଟେକ୍ନିସିଆନ୍ ଅଭାବରୁ ତାହା କାର୍ଯ୍ୟରେ ଲଗିପାରୁନାହିଁ। ବିଭିନ୍ନ ସଂଗଠନ ଦାବିରେ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଏଠାରେ ରୋଗୀ ଦେଖୁଥିଲେ ମଧ ଇକୋ ମେଶିନର ଅଭାବ ରହିଛି। ସ୍ନାୟୁ ରୋଗ ଡାକ୍ତରଙ୍କ ପାଇଁ ଇସିଜି ମେଶିନର ଜରୁରୀ ଥିବା ବେଳେ ତାହା ଉପଲବ୍ଧ ହୋଇପାରୁନାହିଁ। ଅନ୍ୟପକ୍ଷରେ ସ୍ତ୍ରୀ, ପ୍ରସୂତି ରୋଗୀମାନଙ୍କ ପାଇଁ ଥାଇରଏଡ୍ ଟେଷ୍ଟ ଏକାନ୍ତ ଜରୁରୀ ଥିବା ବେଳେ ତାହା ମଧ ହୋଇପାରୁନାହିଁ। ଏ ନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଉମାକାନ୍ତ ସାହୁ କହିଛନ୍ତି, ଉପରୋକ୍ତ ସମସ୍ୟା ପାଇଁ ଉଚ୍ଚ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ସୂଚନା ପ୍ରଦାନ କରିଛୁ। ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ଆଶା ରଖିଛୁ ବୋଲି କହିଥିଲେ।

# ପଲ୍ଲିଶ୍ରୀ ମୈତ୍ରୀ ମହୋତ୍ସବ ଉଦ୍‌ଘାଟିତ

ବାଲିଆପାଳ, ୬।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ସୁବର୍ଣ୍ଣରେଖା ନଦୀକୂଳ ଅସ୍ତି ଚନ୍ଦନ ପଡ଼ିଆରେ ବୁଧବାରଠାରୁ ପଲ୍ଲିଶ୍ରୀ ମୈତ୍ରୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ତଥା ଅସ୍ତି ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ପ୍ରଧାନଙ୍କ ସଭାପତିତ୍ୱରେ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ସୁକାନ୍ତ ଗିରି, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ଅଜୟ ସାହୁ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ଅଣ୍ଡିଆ ଯୋଗଦେଇ ମହୋତ୍ସବ ଅଞ୍ଚଳର ସବୁଠାରୁ ବଡ଼ ଅନୁଷ୍ଠାନରେ ପରିଣତ ହେଉ ବୋଲି ବକ୍ତବ୍ୟରେ କହିଥିଲେ। ମହୋତ୍ସବର ଉଦ୍ୟୋକ୍ତା ଅସ୍ତି ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ପାଇଁ ପଞ୍ଚାୟତବାସୀଙ୍କ ସହଯୋଗ କାମନା କରିଥିଲେ। ସଦସ୍ୟ ମାନସ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଧାକୃଷ୍ଣ ଜେନା ଧନ୍ୟବାଦ ଦେଇଥିଲେ।

# ବେପରୁଆ ଚାଲିଛି ଆମ୍ବହତା କେନାଲ ରାସ୍ତା

ଖଇରା, ୬।୫(ଡି.ଏନ.ଏ.)

ବିଦ୍ୟାଧରପୁର ସବ୍‌ଡିଭିଜନ ଖଇରା ସବଡିଭିଜନ ଅଧୀନ ଆମ୍ବହତା କେନାଲ ପାର୍ଶ୍ୱ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ରାସ୍ତା ସଂଲଗ୍ନ ବଗଦିଆ, ତୁମ୍ବାପଦୀ, ତାଳକୁରୁଣିଆ, ରଚିଣା ଚୁନନଟୀ, କୁମ୍ଭକା ଆଦି ଗ୍ରାମର ଅଧିବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ରାସ୍ତାର ୬କି.ମି.ରୁ ୧୬କି.ମି. ପର୍ଯ୍ୟନ୍ତ ରାସ୍ତାକୁ ପିଚୁ କରିବାକୁ ଜଳସେଚନ ବିଭାଗ ତରଫରୁ ପାଖାପାଖି ୪କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା କୁପାରୀ, ରଚିଣା, ହରିପୁର, ବାଉଁଶଗଡିଆ ଓ ବର୍ଗନା ଆଦି ପଞ୍ଚାୟତର ଅଧିବାସୀ ଏହି ରାସ୍ତା ଦେଇ ବିଦ୍ୟାଧରପୁର ହଦଗଡ ଦେଇ କେନ୍ଦୁଝରର ବିଭିନ୍ନ ସ୍ଥାନକୁ ଅଳ୍ପ ସମୟ ଓ ସ୍ୱଳ୍ପ ଖର୍ଚ୍ଚରେ ଶୀଘ୍ର ପହଞ୍ଚିପାରିବେ। ହେଲେ ବେପରୁଆ କାମକୁ ନେଇ ଯାତ୍ରୀଙ୍କ ଭିତରେ ଅସନ୍ତୋଷ ବଢିବାରେ ଲାଗିଛି। ବିଭିନ୍ନ ଜାଗାରେ ଥିବା ପୋଲ ଏବଂ କଲଭର୍ଟକୁ ନିର୍ମାଣ କରିବା ବଦଳରେ ସେହି ସ୍ଥାନରେ ରାସ୍ତାକୁ ସଂକୀର୍ଣ୍ଣ କରିଛାଡି ଦିଆଯାଇଥିବାରୁ ୨ଟି ଗାଡି ଯିବା ମୁସ୍କିଲ ହୋଇପଡିଛି।



ବାଘୁଆସାହି ନିକଟରେ ରାସ୍ତା ମଝିରୁ ବିଦ୍ୟୁତ ଖୁଣ୍ଟ ନ ଉଠାଇ ରାସ୍ତା ନିର୍ମାଣ।

■ସୂଚନାଫଳକ ଲାଗିନି

■ରାସ୍ତା ଉପରେ ବିଦ୍ୟୁତଖୁଣ୍ଟ ଯାତ୍ରୀଙ୍କୁ ଅଡୁଆ

ସେହିଭଳି ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ନ ଉଠାଇ ରାସ୍ତାକୁ ଅଣଓସାରିଆ ଢଙ୍ଗରେ କରି ଛାଡି ଦିଆଯାଇଥିବାରୁ ରାସ୍ତା ନିର୍ମାଣର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିନାହିଁ ବୋଲି ହରିପୁର ସମିତିସଭ୍ୟ ଅମୀର କୁମାର ବିଶ୍ୱାଳ କହିଛନ୍ତି। ରାସ୍ତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଠିକାଦାର ମଧ ବଡ ଅଂଶ ବିଲ୍ ଉଠାଇ ନେଇସାରିଲେଣି । ହେଲେ ଏପର୍ଯ୍ୟନ୍ତ ସୂଚନା ଫଳକଟିଏ ଲଗାଯାଇ ନ ପାରିବା ଏହି ବିଭାଗର ଯନ୍ତ୍ରୀମାନଙ୍କର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନେକ ସ୍ଥାନରେ ନୂଆ ପିଚୁ ଉଠିଗଲାଣି । ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ କରାଯିବା ଉଚିତ୍ ଥିଲା ବୋଲି ରଚିଣା ପଞ୍ଚାୟତର ସମିତିସଭ୍ୟା ପ୍ରତିନିଧି ନିରଞ୍ଜନ ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ନରହରି ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ଠିକାଦାର ରାସ୍ତା ଠିକ୍‌ଠାକ୍ ନ କରିବା ପର୍ଯ୍ୟନ୍ତ ତାଙ୍କୁ ବିଲ ପ୍ରଦାନ କରାଯିବ ନାହିଁ ବୋଲି କହିଛନ୍ତି।

## ପଞ୍ଚାୟତ ନିର୍ମାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଭଦ୍ରକ ଅଫିସ:** ଭଦ୍ରକ ବ୍ଲକ ଆମ୍ବରୋଳି ପଞ୍ଚାୟତର ନିର୍ମାତା ସ୍ୱର୍ଗତ ଚକ୍ରଧର ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଜିଲା ପରିଷଦ ସଭ୍ୟ ମଳୟ ଜେନା, ସଦସ୍ୟା ପ୍ରତିମା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଚକ୍ରଧରଙ୍କ ଉଦ୍ୟମରେ ଆମ୍ବରୋଳି ପଞ୍ଚାୟତ ଗଠନ ହୋଇଥିଲା। ସ୍ୱର୍ଗତ ଦାସଙ୍କ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରମଧାରେ ନୃସିଂହ ପୂଜା

ବାହାନଗା, ୬।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ରମଧା ବ୍ରାହ୍ମଣ ସାହିରେ ଦୀର୍ଘ ୪୩ବର୍ଷ ଧରି ପ୍ରଭୁ ନୃସିଂହଙ୍କ ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜା ଚତୁର୍ଦ୍ଦଶୀ ତିଥି ଚିତ୍ରା, କନ୍ୟା ନକ୍ଷତ୍ର ବୈଶାଖ ମାସ ଗୁରୁବାର ଅନୁଷ୍ଠିତ ହୋଇଥାଏ। ଏହି ପୂଜା ପ୍ରଥମେ ଗ୍ରାମର ସ୍ୱର୍ଗତ ଗୁରୁ ପ୍ରସାଦ ଦାଶ ଓ ସ୍ୱର୍ଗତ ବୃନ୍ଦାବନ ନନ୍ଦଙ୍କ ଦ୍ୱାରା ମିଳିତ ଭାବେ ୧୯୮୦ ମସିହାରୁ ନୃସିଂହଙ୍କ ପୂଜା ଆରମ୍ଭ କରିଥିଲେ। ସେବେଠାରୁ ରମଧା ଗ୍ରାମର ବ୍ରାହ୍ମଣଶାସନରେ ମିଳିତ ଭାବେ ଏହି ପୂଜା ହୋଇଆସୁଛି। ପୂଜାରେ ଶ୍ରଦ୍ଧାଳୁ ଓ ବ୍ରତୀମାନେ ମାନସିକ ପୂଜା କରିବାକୁ ଦୂରଦୂରାନ୍ତରୁ ଏଠାକୁ ଆସିଥାନ୍ତି। ଏହି ପୂଜା ନିମନ୍ତେ ଗୁରୁବାର କଳସ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜାର କର୍ତ୍ତାକର୍ତ୍ତା ଭାବେ ଗ୍ରାମର ତିଳୋତ୍ତମା ଦାଶ ଓ ଚିତ୍ତରଞ୍ଜନ ଦାଶ କାର୍ଯ୍ୟ ତୁଲାଇଥିଲେ। ବ୍ରାହ୍ମଣ ଭାବେ ପଣ୍ଡିତ ରଘୁନ ତ୍ରିପାଠୀ, ପଣ୍ଡିତ ବିଜୟ କୁମାର ତ୍ରିପାଠୀ, ନିରଞ୍ଜନ ଦାଶ, ରବୀନ୍ଦ୍ର ରଥ, ରାଧାନାଥ ଦାଶ, ବଳିଆ ନନ୍ଦ, ଭାଗ୍ୟଧର ଦାଶ, ସଚିନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖଙ୍କ ଦ୍ୱାରା ଷୋଡଶ ଉପଚାର, ପୂଜା, ନ୍ୟାସ, ସନ୍ଧ୍ୟାଆରତୀ ଆଦି ଅନୁଷ୍ଠିତ ହୋଇଥିଲା। ରାତିରେ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା।

### ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ସେଫ୍ଟି ତାଲିମ

ଆନନ୍ଦପୁର,୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ସେଫ୍ଟି ତାଲିମ ପ୍ରଦାନ କରାଯାଇଛି। ହେଲ୍‌ପେଜ ଇଣ୍ଡିଆ ଓ ଗୁଗୁଲର ମିଳିତ ଉଦ୍ୟମରେ ବରିଷ୍ଠ ନାଗରିକଙ୍କୁ ଡିଜିଟାଲର ବ୍ୟବହାରର ପ୍ରଣାଳୀ ଶିକ୍ଷା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ସାରା ଦେଶରେ ୧୬ ରାଜ୍ୟରେ ଏଭଳି ପ୍ରୋଗ୍ରାମ ହାତକୁ ନିଆଯାଇଛି। ଯୁଗ ପରିବର୍ତ୍ତନ ସାଙ୍ଗକୁ ଡିଜିଟାଲର ବ୍ୟବହାର ବୃଦ୍ଧି ହେଉଥିବାବେଳେ ଯୁବପିଢ଼ିଙ୍କ ଭଳି ବରିଷ୍ଠ ନାଗରିକମାନେ ଏହାର ସୁରକ୍ଷିତ ବ୍ୟବହାର କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ବରିଷ୍ଠ ନାଗରିକମାନଙ୍କୁ ଡିଜିଟାଲ ମାଧ୍ୟମରେ ସୁବିଧା ହାସଲ କରିବାର ଉପାୟ ଜଣାଇବା ସହିତ ଏହା ଦ୍ୱାରା ଠକାମିରୁ କିପରି ବର୍ତ୍ତିବା ସେ ସମ୍ପର୍କରେ ତାଲିମ ଦିଆଯାଇଛି। ହେଲ୍‌ପେଜ ଇଣ୍ଡିଆ ପକ୍ଷରୁ ଦେବଶ୍ରୀ ବ୍ରହ୍ମ ଗୁଗୁଲ ସେଫ୍ଟି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁରର ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଉପସ୍ଥିତ ରହି ଡିଜିଟାଲ୍ ସେଫ୍ଟି ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ।

### ବସନ୍ତ ପାଣିଗ୍ରାହୀ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି

ଚାନ୍ଦବାଲି, ୬।୫ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବେ ଇଞ୍ଜିନିୟର ବସନ୍ତ କୁମାର ପାଣିଗ୍ରାହୀ ମନୋନୀତ ହୋଇଛନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗ ଚିଠି ନଂ.୧୬୯୫୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପଦରୁ ଅବସର ନେଇଥିବା ବେଳେ ଭଦ୍ରକ ରୋଟାରୀ କ୍ଲବର ପୂର୍ବତନ ସଭାପତି ମତୋରେ ମହାବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଅବଦାନ ଅତୁଳନୀୟ। ସେ ପରିଚାଳନା କମିଟି ସଭାପତି ଭାବେ ମନୋନୀତ ହୋଇଥିବାରୁ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମୃତ ଚାଷୀଙ୍କ ପରିବାରକୁ ଦିଆଗଲା ୫ ଲକ୍ଷ ବୀମାରାଶି

ଧାମନଗର,୬।୫ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ମୁସ୍ତାଫାପୁର ପଞ୍ଚାୟତ ଗୋବିନ୍ଦାଗଡ଼ିଆ ଗ୍ରାମର ମୃତ ଚାଷୀ ଲକ୍ଷ୍ମୀଧର ରାଉତଙ୍କ ପରିବାରକୁ ଧାମନଗର ସମବାୟ ବ୍ୟାଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି। ଲକ୍ଷ୍ମୀଧର ଧାମନଗର ସେବା ସମବାୟ ସମିତିରୁ କୃଷି ଋଣ ନେବା ସହ ୩୦୦ଟଙ୍କାର ଏକ ବୀମା କରିଥିଲେ। ୨୦୨୨ ଜୁନ୍ ୧୧ରେ ଗଡ଼ିଆରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଧାମନଗର ସମବାୟ ବ୍ୟାଙ୍କ ପରିସରରେ ମୃତ ଲକ୍ଷ୍ମୀଧରଙ୍କ ପତ୍ନୀ ଅମ୍ବିକା ରାଉତଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସମବାୟ ବ୍ୟାଙ୍କ ଶାଖା ପରିଚାଳକ ମାନସ ମହାପାତ୍ରଙ୍କ ସଂଯୋଜନାରେ ଅତିଥି ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଦଶରଥ ଜେନା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲା ପରିଷଦ ସଦସ୍ୟା ଉର୍ମିଳା ବିଶ୍ୱାଳ, ଅରୁଣ ଉଦୟ ପାତ୍ର, ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ମାସରେ ୪ ଜଣଙ୍କୁ ହତ୍ୟା

**ଖଣି ଅଞ୍ଚଳରେ ଫୁଟୁଛି ଗୁଳି**

- ବାହାର ରାଜ୍ୟରୁ ଆସୁଛନ୍ତି ସୁପାରି କିଲର
- ଯାଞ୍ଚ ଢିଲା, ସୁହାଉଛି ବସ୍ତି ଓ ଭଡ଼ା ଘର

କେନ୍ଦୁଝର,୬।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଉପାନ୍ତ ଖଣି ଖାଦାନ ଭରା ବଡ଼ବିଲ ପୋଲିସ ଉପଖଣ୍ଡରେ ଅପରାଧ ବୃଦ୍ଧି ପାଉଛି। ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ ଘଟୁଛି। ଗତ ୬ ମାସରେ ପାରିବାରିକ, ବ୍ୟବସାୟ, ଲୁଟ୍ ଓ ରାଜନୈତିକ ପତିଆରା ପାଇଁ ଗୁଳିମାଡ଼ରେ ୪ ଜଣଙ୍କୁ ହତ୍ୟା କରାଗଲାଣି। ପ୍ରାୟ ଘଟଣାରେ ବାହାର ରାଜ୍ୟର ସୁପାରୀ କିଲରଙ୍କ ସମ୍ପୃକ୍ତି ରହିଛି। ଅଞ୍ଚଳରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ କିଛି ବର୍ଷ ହେଲା କମିଥିବା ବେଳେ ହତ୍ୟା ଘଟଣା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷେ ଅଞ୍ଚଳରେ ବୃଦ୍ଧି ପାଉଥିବା ବସ୍ତି ଓ ବେଆଇନ ଘର ଅପରାଧୀଙ୍କୁ ସୁହାଉଛି। ବାହାର ରାଜ୍ୟରୁ ସୁପାରୀକିଲର ଆସି ଏଠାରେ ରହି ଅବାଧରେ ହତ୍ୟାକାଣ୍ଡ ଭିଆଇ ଖସିଯିବାରେ ସକ୍ଷମ ହେଉଛନ୍ତି। ଯାହା ପୋଲିସ ବିଭାଗକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ ହୋଇଛି।

ସୂଚନାଯୋଗ୍ୟ, ବଡ଼ବିଲ ପୋଲିସ ଉପଖଣ୍ଡ ଅଧୀନରେ ବଡ଼ବିଲ ସମେତ ବଲାଣୀ, ରୁଗୁଡ଼ି, ଯୋଡ଼ା ଓ ବାମେବାରୀ ଥାନା ରହିଛି। ଉକ୍ତ ଅଞ୍ଚଳରେ ଖଣିଖାଦାନ, ଶିଳ୍ପ ଆଦି ରହିଥିବା ବେଳେ ଝାଡ଼ଖଣ୍ଡ ରାଜ୍ୟ ସୀମାକୁ ଲାଗି ରହିଥିବାରୁ ଉକ୍ତ ଉପଖଣ୍ଡ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ପରିଗଣିତ ହୋଇଥାଏ। ମାତ୍ର ଦିନକୁ ଦିନ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଥିବା ବେଳେ ଅଞ୍ଚଳରେ କଥା କଥାରେ ଗୁଳି ଫୁଟିବାକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଗତ ୧ ତାରିଖ ସୋମବାର ବଡ଼ବିଲ ୬ ନଂ. ୱାର୍ଡରେ ଜଣେ ବିଜେଡି କର୍ମୀଙ୍କୁ ସକାଳ ପ୍ରାୟ ୧୦ଟା ୩୦ରେ ଝାଡ଼ଖଣ୍ଡରୁ ଆସିଥିବା ସୁପାରୀକିଲର ଗୁଳି କରି ହତ୍ୟା କରିଥିଲେ। ମୃତକ ଜଣକ ବଡ଼ବିଲ ପୌରପାଳିକା ବିଜେଡି ଅଧ୍ୟକ୍ଷଙ୍କ ନିକଟତମ ବ୍ୟକ୍ତି ଥିଲେ। ପୂର୍ବରୁ ଅଧ୍ୟକ୍ଷଙ୍କ ନିକଟତର ଥିବା ଜଣେ ମହିଳା ହତ୍ୟା କରାଇଥିଲେ। ଘଟଣାରେ ପୋଲିସ ସମ୍ପୃକ୍ତ ମହିଳାଙ୍କ ସମେତ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଳି ମାରିଥିବା ସୁପାରୀକିଲର ଏ ପର୍ଯ୍ୟନ୍ତ ଫେରାର ଅଛନ୍ତି। ସେହିପରି ଏପ୍ରିଲ ୮ରେ ଉକ୍ତ ଥାନା ଅଞ୍ଚଳରେ ଜଣେ ଓଏମ୍‌ଡିସି କର୍ମଚାରୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଓଏମ୍‌ଡିସି କର୍ମଚାରୀଙ୍କୁ ମଧ୍ୟ ଅଣଓଡ଼ିଆ ସୁପାରୀ କିଲର ଗୁଳି କରିଥିଲେ। ସେହିପରି ବଲାଣୀ ଥାନା ଲସର୍ଦା ଗ୍ରାମରେ ୨୯ ନଭେମ୍ବର ୨୦୨୨ରେ ଘରେ ପଶି ଦମ୍ପତିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମଧ୍ୟ ଜିଲା ବାହାରର ଅପରାଧୀଙ୍କ ସମ୍ପୃକ୍ତି ରହିଥିଲା। ବିଶେଷ କରି ଯୋଡ଼ା, ବଡ଼ବିଲ ପୌରାଞ୍ଚଳ ଓ ଏହାକୁ ଲାଗି ଅନ୍ୟ ଅଞ୍ଚଳଗୁଡ଼ିକରେ ବୃଦ୍ଧି ପାଉଥିବା ବେଆଇନ ବସ୍ତି ଓ ଭଡ଼ାଘର ପ୍ରତି କାହାର ନଜର ନାହିଁ। ଫଳରେ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଅଞ୍ଚଳରେ ଅପରାଧ ଘଟାଇ ଅପରାଧୀମାନେ ଏହି ଅଞ୍ଚଳରେ ଆସି ଭଡ଼ାଘରେ ରହୁଛନ୍ତି। ସୀମା ଅଞ୍ଚଳରେ କୋହଳ ସୁରକ୍ଷା ବ୍ୟବସ୍ଥା ଯୋଗୁ ଏଠାରେ ମଧ୍ୟ ଅପରାଧ ଘଟାଇ ସୁବିଧାରେ ଖସି ପଳାଇ ଯାଉଛନ୍ତି। ଉପଖଣ୍ଡ ଅଞ୍ଚଳରେ ଅପରାଧ ବୃଦ୍ଧି ପାଉଥିବା ବେଳେ ଅନେକ ଥାନାରେ ଆବଶ୍ୟକ ସଂଖ୍ୟକ ପୋଲିସ ଅଧିକାରୀ ଓ ଫୋର୍ସ ନାହାନ୍ତି। ଫଳରେ ଖଣିଖାଦାନ ମାଫିଆ ଓ ଅପରାଧୀମାନେ ଅବାଧରେ ବୁଲୁଛନ୍ତି। ସାମାଜିକ କର୍ମୀ ରଣାନନ୍ଦ ବେହେରା କହିଛନ୍ତି, ପୋଲିସ ବିଭାଗ ଭଡ଼ା ଘରେ ଓ ସୀମାରେ ଯାଞ୍ଚ କଡ଼ାକଡ଼ି କରି ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ। ସଦର ବିଧାୟକ ମୋହନ ମାଝୀ କହିଛନ୍ତି, ପୋଲିସ ପୂର୍ବପରି ବେଆଇନ ବସ୍ତି ଉପରେ ଚଢ଼ାଉ, ସୀମାବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କଲେ ଖଣି ଚୋରା କାରବାର ଓ ଅପରାଧ ନିୟନ୍ତ୍ରଣ ହୋଇପାରିବ। ବଡ଼ବିଲ ଏସ୍‌ଡିପିଓ ଉପାସନା ପାଢ଼ି କହିଛନ୍ତି, ଅଞ୍ଚଳରେ ବୃଦ୍ଧି ପାଉଥିବା ଗୁଳିକାଣ୍ଡ ଘଟଣା ଉପରେ ଆଲୋଚନା କରାଯାଉଛି। ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଭଡ଼ାଘର ଓ ବେଆଇନ ବସ୍ତିରେ ଚଢ଼ାଉ କରାଯାଇ ପଦକ୍ଷେପ ନିଆଯିବ। ସୀମାରେ ମଧ୍ୟ ଯାଞ୍ଚ ବ୍ୟବସ୍ଥା ଜୋରଦାର କରାଯିବ ବୋଲି ସେ କହିଛନ୍ତି।

# ୫-ଟି ବିଦ୍ୟାଳୟ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ


ମୋରଡ଼ା ଶିବମୁନି ଶିକ୍ଷା ନିକେତନରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ମୋରଡ଼ା/ବୈଶିଙ୍ଗା,୬।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ରେ ୫-ଟି ଅଧୀନରେ ରୂପାନ୍ତରିକରଣ ହୋଇଥିବା ବିଦ୍ୟାଳୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଶନିବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମାଳିହତାର ଶିବମୁନି ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟକୁ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉକ୍ତ ବିଦ୍ୟାଳୟ ୧୯୯୧ରେ ଅଜୟ ମହାନ୍ତିଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିଲା। ବିଦ୍ୟାଳୟ ୫-ଟି ଅଧୀନକୁ ଯିବା ପରେ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିବା ସ୍ୱର୍ଗତ ମହାନ୍ତିଙ୍କ ପତ୍ନୀ ଆରତୀ ମହାନ୍ତି କହିବା ସହ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଏସ୍‌ଏମସି କମିଟି ସଦସ୍ୟ ଅବିନାଶ ମହାନ୍ତି, ସରୋଜ ରାଉତ, ନିରୁପମା ଜେନା, କମଳାକାନ୍ତ ବେହେରା, ମୋରଡ଼ା ସରପଞ୍ଚ ରବି ସିଂ, ସାମାଜିକକର୍ମୀ ଅଞ୍ଜନ ନାୟକ, କନିଷ୍ଠ ଯନ୍ତ୍ରୀ ଅଶୋକ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବ୍ଲକ୍‌ର ମାକୁନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ପଳାସମୁଣ୍ଡଳି ଉଚ୍ଚ ବିଦ୍ୟାଳୟ, ଖୁରୁଣ୍ଟିଆ ଉଚ୍ଚ ବିଦ୍ୟାଳୟ, ସାନମୁଣ୍ଡାବଣି ଉଚ୍ଚ ବିଦ୍ୟାଳୟ, ମୋରଡ଼ା ଆଦର୍ଶ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ।

ସେହିପରି ବେତନଟୀ ବ୍ଲକ୍ ତଥା ବୈଶିଙ୍ଗା ଥାନା ଅଧୀନ ବଡ଼ଚୁରୁଣୀରେ ଥିବା ସ୍ୱାଧୀନତା ସଂଗ୍ରାମୀ ପଦ୍ମଲୋଚନ ଖଟୁଆଙ୍କ ଦ୍ୱାରା ୧୯୭୮ରେ ପ୍ରତିଷ୍ଠିତ ହାଇସ୍କୁଲ ମଧ୍ୟ ଏହି ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ ହୋଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ବେତନଟୀ ବିଡିଓ ଛବିରାଣୀ ସାହୁ, ବ୍ଲକ୍ ଅଧକ୍ଷା କୌଶଲ୍ୟା ମାଝୀ ଯୋଗଦେଇଥିଲେ। ସହକାରୀ ଯନ୍ତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ପରିଚାଳନା କମିଟିର ସଦସ୍ୟ ତଥା ଆଲୁମିନି ସଦସ୍ୟ, ଅଭିଭାବକ, ଗ୍ରାମବାସୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଗୌରବ ଆଣିଥିବା କ୍ରୀଡ଼ାବିତ୍ ବାପିଙ୍କୁ ସ୍ୱାଗତ

ରୂପସା, ୬।୫(ଡି.ଏନ.ଏ.)


ସ୍ୱର୍ଣ୍ଣ ପଦକ ବିଜେତା ବାପିଙ୍କୁ ସ୍ୱାଗତ କରାଯାଉଛି।

ରାଜ୍ୟ ପାଇଁ ଗୌରବ ଆଣିଥିବା କ୍ରୀଡ଼ାବିତ୍ ବାପି ହାଁସଦା ଗାଁରେ ପହଞ୍ଚିବା ପରେ ତାଙ୍କୁ ଛୁଟିଛି ଶୁଭେଚ୍ଛାର ସୁଅ। ନିଜ ଗାଁ ବାଲେଶ୍ୱର ଜିଲା ବସ୍ତା ବ୍ଲକ ରାଉତପଡା ପଞ୍ଚାୟତ ଝିଙ୍କିରିଆଠାରୁ ସମଗ୍ର ଜିଲାରେ ଖୁସିର ମାହୋଲ ଦେଖା ଦେଇଛି। ରାଉତପଡ଼ା ଛକଠାରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଗ୍ରାମବାସୀ, ଜନ ପ୍ରତିନିଧି ଓ ସାମାଜିକ କର୍ମୀ ପାଛୋଟି ନେଇଥିଲେ। ବାପି ଗତ ମାର୍ଚ୍ଚ ୧୨ରେ କର୍ଣ୍ଣାଟକର ଉଡୁପିଠାରେ ଅନୁଷ୍ଠିତ ଅଷ୍ଟାଦଶ ଜାତୀୟ ଯୁବ ଦୌଡ଼କୁଦ ପ୍ରତିଯୋଗିତାର ୪୦୦ ମିଟର ବାଧା ଦୌଡ଼ରେ ମାତ୍ର ୫୧.୯୫ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିପରି ଏପ୍ରିଲ ୩୦ରେ ତାସକେଣ୍ଟର ଉଜବେକିସ୍ଥାନଠାରେ ଆୟୋଜିତ ଏସିଆନ୍ ୟୁଥ୍ ଆଥଲେଟିକ୍ସ ଚାମ୍ପିୟନଶିପରେ ୪୦୦ ମିଟର ଟ୍ରାକ୍‌କୁ ୫୧.୩୮ ସେକେଣ୍ଡରେ ଅତିକ୍ରମ କରି ରୌପ୍ୟ ପଦକ ହାସଲ କରିଛନ୍ତି। ବାପି ବାଲେଶ୍ୱର ଜିଲା ବସ୍ତା ବ୍ଲକ୍ ରାଉତପଡ଼ା ପଞ୍ଚାୟତ ଝିଙ୍କିରିଆ ଗ୍ରାମର ରବୀନ୍ଦ୍ର ହାଁସଦା ଏବଂ ମା' ସୁକାନ୍ତିଙ୍କ ସାନପୁଅ। ମାତ୍ର ୪ବର୍ଷ ବୟସରେ ବାପା ରବୀନ୍ଦ୍ର ହାଁସଦା ନିରୁଦ୍ଦିଷ୍ଟ ହୋଇଯିବା ପରେ ସେ ପ୍ରତିକୂଳ ଅବସ୍ଥାରେ ପାଠ ପଢ଼ିଥିଲେ। ମା' ସୁକାନ୍ତି ହାଣ୍ଡିଆ ବ୍ୟବସାୟ କରି ବାପିକୁ ପାଠ ପଢ଼ାଉଥିଲେ। ସେ ଯାଜପୁରରେ ପାଠ ପଢୁଥିବା ବେଳେ ଦୌଡକୁଦ ଆରମ୍ଭ କରିଥିଲେ। ଏବେ ସେ ନିଜ ପ୍ରତିଭା ଦ୍ୱାରା ସ୍ୱର୍ଣ୍ଣ ଏବଂ ରୌପ୍ୟପଦକ ବିଜେତା ହୋଇ ଗୌରବ ଅର୍ଜନ କରିଛନ୍ତି। ଶନିବାର ଘରେ ପହଞ୍ଚିବା ପରେ ନାରୀନେତ୍ରୀ ସୁବାସିନୀ ଜେନା, ସାମାଜିକ କର୍ମୀ ସୁମନ୍ତ ଜେନା, ବସ୍ତା ବିଜେଡି ସଭାପତି ଅନୀଲ ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, କୁଡ଼ିଆ ସରପଞ୍ଚ ଗୌରାଙ୍ଗ ବେହେରା, ରାଉତପଡ଼ା ସରପଞ୍ଚ ଅଞ୍ଜୁଲତା ମଣି, ସମିତିସଭ୍ୟ ହରେକୃଷ୍ଣ ପାଳ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଦେଇଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ପାଟଣା,୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ପାଟଣା ଥାନରେ ଲିଖିତ ଭାବେ ଜଣାଇଛନ୍ତି। ନାବାଳିକା ବାପାଙ୍କ ଅଭିଯୋଗ ଅନୁଯାୟୀ, ଗତ ଶୁକ୍ରବାର ସକାଳେ ଢେଙ୍କାନାଳ ଅଞ୍ଚଳର ଜଣେ ଯୁବକ ବସ୍‌ରେ ଆସି ତାଙ୍କ ଝିଅଙ୍କୁ ଅପହରଣ କରିନେଇଛନ୍ତି। ଏ ନେଇ ପାଟଣା ଥାନାରେ (ନଂ.୭୨/୨୩) ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

### ବାଳିକା ଫୁଟବଲ ତାଲିମ ଶିବିର ଆରମ୍ଭ

ବାଲେଶ୍ୱର ଅଫିସ, ୬।୫

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ, ଜିଲା ପ୍ରଶାସନ, ଓଡ଼ିଶା ଫୁଟବଲ ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗଙ୍କ ଆୟୋଜନରେ ଚାନ୍ଦିପୁରଠାରେ ଗ୍ରୀଷ୍ମ କାଳୀନ ତୃଣମୂଳ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ରୁ ୧୨ ବର୍ଷ ବାଳିକାମାନଙ୍କୁ ତାଲିମ ପ୍ରଦାନ କରାଯିବ। ଶିବିର ଆସନ୍ତା ମେ' ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା କ୍ରୀଡ଼ାର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଉଦ୍‌ଘାଟନ କରିବା ସହ ପ୍ରଶିକ୍ଷାର୍ଥୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଧୀପ ଦାସ ଶିବିର ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଚାନ୍ଦିପୁରଠାରେ ଜିଲା କ୍ରୀଡ଼ା ସଂଘର ବିଭିନ୍ନ କ୍ରୀଡା ଆୟୋଜନ ଅନୁମତି ଦେବା ପାଇଁ କହିବା ବେଳେ ସେଠାରେ ଉପସ୍ଥିତ ଥିବା କର୍ନେଲ ସୁମନ ଦତ୍ତ ସହଯୋଗ କରିବାକୁ କହିଥିଲେ। ଶିବିର ଦୁଇ ଓଳି ଚାଲିବ ବୋଲି ଦାସ କହିଥିଲେ। ଜିଲା କ୍ରୀଡା ସଂଘର ଯୁଗ୍ମ କାର୍ଯ୍ୟିକ ଚନ୍ଦ୍ର ନାୟକ, ପ୍ରତିରକ୍ଷା ବିଭାଗର ଏମ୍‌ଟିଓ ଛୋଟରାୟ ମାରାଣ୍ଡି, ଫୁଟବଲ କୋଚ୍ ଏମ୍‌ପି ବାପି ଓ କବିତା କର ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ଗୁଲୁଦୀପଶିରେ ଚବିଶ ପ୍ରହର ନାମଯଜ୍ଞ

ପାଟଣା,୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ଗୁଲୁଦୀପଶି ଗ୍ରାମରେ ଶୁକ୍ରବାରଠାରୁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ପଣ୍ଡିତ ତରୁଣ ତ୍ରିପାଠୀ ପୂଜାଅର୍ଚ୍ଚନା କରୁଥିବା ବେଳେ କର୍ତ୍ତାଭାବେ ଜୟକୃଷ୍ଣ ବାରିକ ଦେବନୀତି ସମ୍ପାଦନ କରୁଛନ୍ତି। ଘଟଗାଁ, ତୁରୁମୁଙ୍ଗା, ନୂଆଗାଁ, ତାଳପଦା, ଅସ୍ତଯୋଡ଼ି ପ୍ରମୁଖ କୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରୁଛନ୍ତି। ଗ୍ରାମର ଖଗେଶ୍ୱର ବାରିକ, ଡ୍ରାଇଭର ଦାସ, ରଘୁ ଦେହୁରୀ, ନିରଞ୍ଜନ ଦେହୁରୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେହ ଶ୍ରଦ୍ଧାଳୁଙ୍କ ପାଇଁ ଭୋଗର ବ୍ୟବସ୍ଥା କରାଯାଉଛି। ସୋମବାର ଦିନ ପୂର୍ଣ୍ଣାହୂତି ହେବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

# ସୂଚନା କମିଶନ ସଦସ୍ୟଙ୍କ ଅଭିଯୋଗ ଶୁଣାଣି


ସୂଚନା କମିଶନ ସଦସ୍ୟ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣୁଛନ୍ତି।

ଠାକୁରମୁଣ୍ଡା,୬।୫ (ଡି.ଏନ.ଏ. )

ସୂଚନା କମିଶନ ସଦସ୍ୟ ଅନନ୍ତ ନାୟକ ଶନିବାର ଠାକୁରମୁଣ୍ଡା ବ୍ଲକ୍ ଗସ୍ତରେ ଆସି ଭାଲିଆଡ଼ାଳ ପଞ୍ଚାୟତରେ ଅଭିଯୋଗ ଜନ ଶୁଣାଣି କରିଛନ୍ତି। ଜନ ଶୁଣାଣିରେ ବିଭିନ୍ନ ଗ୍ରାମରୁ ଶହରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଆଦିବାସୀ ଉପସ୍ଥିତ ଥିଲେ। କମିଶନ ସଦସ୍ୟ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଅଭିଯୋଗର ଶୁଣାଣି କରିଥିଲେ। ଶୁଣାଣିରେ ସମସ୍ତ ସରକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପାହାଡ଼ ଦେବତା ବାବା ସୁନ୍ଦର ପଶ୍ଚିମାଙ୍କ ବାର୍ଷିକ ଉତ୍ସବ



ବାବା ସୁନ୍ଦର ପଶ୍ଚିମାଙ୍କ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ପୂଜାର୍ଚ୍ଚନା।

ଔପଦା, ୬।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ଔପଦା ମୟୂରଭଞ୍ଜ ମୁଖ୍ୟ ରାସ୍ତାର ଦେବଗିର ପାହାଡ଼ ପାଦଦେଶରେ ଆଦିବାସୀ ଅଞ୍ଚଳ ଗଡ଼ସାହି ଗ୍ରାମ ନିକଟବର୍ତ୍ତୀ କେଉଁ ଆବାହନ କାଳରୁ ପୂଜା ପାଉଥିବା ପାହାଡ଼ ଦେବତା ବାବା ସୁନ୍ଦର ପଶ୍ଚିମାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗଡ଼ସାହି ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ପାହାଡ଼ ମୂଳକରେ ଥିବା ବାବା ସୁନ୍ଦର ପଶ୍ଚିମାର ରୀତିନୀତି ଅନୁସାରେ ପ୍ରତିବର୍ଷ ପରି ବୈଶାଖ ମାସ ୨୧ଦିନ ବାର୍ଷିକ ଉତ୍ସବ ପାଳନ କରାଯାଏ। ସ୍ଥାନୀୟ ଅଞ୍ଚଳର ବ୍ରତୀମାନେ କଳସ ବୁଡ଼ାଇ ସେଠାରେ ଘଟ ସ୍ଥାପନା ପରେ ପୂଜାର୍ଚ୍ଚନା କରାଯାଇ ଯଜ୍ଞ କରାଯାଏ। ଏହି ମୁଖ୍ୟ ରାସ୍ତାରେ ଯାଉଥିବା ଯାତ୍ରୀମାନେ ବାବା ସୁନ୍ଦର ପଶ୍ଚିମା ମନ୍ଦିରକୁ ଭେଟି ଅର୍ପଣ କରିଥାନ୍ତି। ମନ୍ଦିର ସେବକ ଶୁକଦେବ ଗିରି ଓ ଲାଲ ମୋହନ କୁଅଁର ପ୍ରତିଦିନ ପୂଜା କରୁଥିବା ବେଳେ ପଶ୍ଚିମା କମିଟିର ସଭାପତି ମଧୁରୀ ମୋହନ ପାତ୍ର, ସମ୍ପାଦକ ଲମ୍ବୋଦର କୁଅଁରଙ୍କ ସମେତ ଗ୍ରାମବାସୀ ପୁରୁଷ୍ତମ ବାରିକ, ଦୁର୍ଯ୍ୟୋଧନ ଖେଜୁରିଆ, ନରେନ୍ଦ୍ର ବାରିକ, ଚନ୍ଦ୍ରମୋହନ ପାତ୍ରଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପୂଜା ସ୍ଥାନରେ ପହଞ୍ଚି ଏକ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିବା ବେଳେ ମନ୍ଦିର ପାଇଁ ୨ଲକ୍ଷ ଟଙ୍କା ଦେଇଥିବା ଜଣାଯାଇଛି। ପୂଜା କାର୍ଯ୍ୟରେ ପଣ୍ଡିତ ଶ୍ରୀବତ୍ସ ନଧ ଓ ଗୌତମ ପଣ୍ଡା ନିୟୋଜିତ ଥିଲେ।

# ‘ଦଶ ଅବତାରର ପ୍ରତୀକ ଶ୍ରୀଜଗନ୍ନାଥ’

ଭଦ୍ରକ ଅଫିସ/ସ୍ୱ.ପ୍ର., ୬।୫

ଶ୍ରୀଜଗନ୍ନାଥ ହେଉଛନ୍ତି ସମନ୍ୱୟର ବିଶ୍ୱ ଦେବତା। ବହୁ ଧର୍ମଧାରା ଓ ଧର୍ମୀୟ ଦର୍ଶନର ସମନ୍ୱୟ ଘଟିଛି ଜଗନ୍ନାଥ ଧର୍ମରେ। ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କୁ ସମସ୍ତ ଅବତାରର ପ୍ରତୀକ ରୂପେ ଗ୍ରହଣ କରାଯାଇଛି। ଦଶ ଅବତାର ମଧ୍ୟରୁ ବୁଦ୍ଧାବତାର ଶ୍ରୀଜଗନ୍ନାଥଙ୍କ ନବମ ଅବତାର ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦର ପୂର୍ଣ୍ଣିମା ଆସରରେ ଅତିଥି ଓ ବକ୍ତା ମତବ୍ୟକ୍ତ କରିଥିଲେ। ସହରର ଭାଗବତ ମଣ୍ଡପ ପରିସରରେ ଭଦ୍ରକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରତିକାନ୍ତ ମହାନ୍ତି ଯୋଗଦେଇ ବୁଦ୍ଧ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳ, କବି ଚର୍ଚ୍ଚିକା ମହାପାତ୍ର, ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ବିଜୟ କୁମାର ଶତପଥୀ ବେଦପାଠ କରିବା ସହ ସ୍ୱର୍ଗତ ଡ. ସୁରଥ କୁମାର ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଲକ୍ଷ୍ମଣ ମହାନ୍ତି, ଦୁଃଶାସନ ମହାନ୍ତି, ଅବନୀ ପ୍ରଧାନ, ହରିଶ୍ଚନ୍ଦ୍ର ଦାସ, ଡ. ଗୋଲକ ବିହାରୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କବି ଅରୂପାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।



ପୂର୍ଣ୍ଣିମା ଆସରରେ ଉପସ୍ଥିତ ଅତିଥିମାନେ।

# ୭ବର୍ଷ ବିତିଲା, ମିଳୁନି କୃଷିବୀମା ଟଙ୍କା

**ଏମ୍‌ପିଙ୍କୁ ଭେଟିଲେ ମୃତ ଚାଷୀଙ୍କ ଝିଅ**

ଧାମନଗର, ୬।୫(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ମାନଲାପୁର ଗ୍ରାମର ଚାଷୀ ନିରଞ୍ଜନ ଦାସ(୪୪)ଙ୍କ ମୃତ୍ୟୁକୁ ୭ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ପରିବାରକୁ ବୀମା ସହାୟତା ରାଶି ମିଳି ନାହିଁ। ବୀମା କମ୍ପାନୀର ବୈମାତୃକ ମନୋଭାବ ଯୋଗୁ ବୀମା ରାଶି ପାଇବାରୁ ତାଙ୍କ ପରିବାର ବଞ୍ଚିତ ହୋଇଛନ୍ତି। ଦୋବଲ ସମବାୟ ସମିତି, ବିବିସିସିବି (ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ) ଧାମନଗର ଶାଖା ପରିଚାଳକଙ୍କ ସହ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେବା ପରେ ଶେଷରେ ପରିବାର ଲୋକେ ଏମ୍‌ପି ମଞ୍ଜୁଳତା ମଣ୍ଡଳଙ୍କ ସହାୟତା ଲୋଡ଼ିଛନ୍ତି। ସ୍ୱର୍ଗତ ନିରଞ୍ଜନଙ୍କ ଦୁଇଝିଅ ଶୁକ୍ରବାର ଏମ୍‌ପି ମଣ୍ଡଳଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଏମ୍‌ପି ବିବିସିସିବି ଧାମନଗର ଶାଖା ପରିଚାଳକ ମାନସ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ନିରଞ୍ଜନ ଆର୍ଥିକ ବର୍ଷ ୨୦୧୫-୧୬ରେ ଖରିଫ ଚାଷ ପାଇଁ ଦୋବଲ ସମିତିରୁ ଋଣ ନେବା ସହ ଉକ୍ତ ଋଣ ବାବଦରେ କୃଷିବୀମା (ପଲିସି ନଂ.୩୪୫୭୦୦/୪୮) ଅନୁଯାୟୀ ଧାର୍ଯ୍ୟ ଅର୍ଥ ସମିତି ମାଧ୍ୟମରେ ପୈଠ କରିଥିଲେ। ସେହିପରି ଏହି ସୋସାଇଟି ମାଧ୍ୟମରେ ସେ ବ୍ୟକ୍ତିଗତ ଅପମୃତ୍ୟୁଜନିତ ବୀମା କରିଥିଲେ। ସ୍ତ୍ରୀ ଓ ଦୁଇ ଝିଅଙ୍କୁ ନେଇ ତାଙ୍କ ପରିବାର। ତାଙ୍କ ସ୍ତ୍ରୀ କଳ୍ପନା କହିଛନ୍ତି, ୨୦୧୬ ଫେବୃଆରୀ ୨ ଅପରାହ୍ଣରେ ହଠାତ୍ ଘୂର୍ଣ୍ଣିଝଡ଼ ଆସିବାରୁ ନିଜ ଖଳାରେ ଧାନଗଦାରେ ପଲିଥିନ ଘୋଡ଼ାଉଥିବା ବେଳେ ପାଖରେ ଥିବା ଏକ ନଡ଼ିଆ ଗଛ ଭାଙ୍ଗି ନିରଞ୍ଜନଙ୍କ ଉପରେ ପଡ଼ିଯାଇଥିଲା। ତାଙ୍କୁ ନିକଟସ୍ଥ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର ସମସ୍ତ ଉପଯୁକ୍ତ ପ୍ରମାଣପତ୍ର ଦେବା ସହ ବାରମ୍ବାର ସମବାୟ ସମିତି ଓ ବ୍ୟାଙ୍କ ଯାଉଥିଲେ ମଧ୍ୟ ବୀମା ଅର୍ଥ ମିଳୁନାହିଁ। ଏ ସମ୍ପର୍କରେ ସମବାୟ ବ୍ୟାଙ୍କ ଧାମନଗର ଶାଖା ପରିଚାଳକ ମହାପାତ୍ର କହିଛନ୍ତି, ତୁରନ୍ତ ଏହି ବାବଦରେ ଇଫ୍‌କୋ ଟୋକିଓ ବୀମା କମ୍ପାନୀ ଏବଂ ସମବାୟ ବ୍ୟାଙ୍କ ବାଲଶ୍ୱର ଶାଖା ସହ ଯୋଗାଯୋଗ କରି ଉକ୍ତ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ।

### ଦୋମୁହାଁଣି ହାଟରେ ପୋଲିସ ଚଢ଼ାଉ, ୪ ଜୁଆଡି ଗିରଫ

ଖଇରା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଦୋମୁହାଁଣି ହାଟରେ ଜୁଆ ଖେଳ ଚାଲିଥିବା ବେଳେ ଖଇରା ପୋଲିସ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ୩ ଜୁଆଡିଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୬୭୦ଟଙ୍କା, ଏକ ବାଇକ, ଖେଳ ସରଞ୍ଜାମ ଜବତ କରାଯାଇଛି। ଏହି ଜୁଆଡିମାନେ ହେଲେ ଆଗରପଡା ଥାନା ମହାନ୍ତିପଡା ଗ୍ରାମର ହରି ବେହେରା(୩୩),ସହଦେବ ପଲେଇ(୩୪) ଓ ଆନନ୍ଦପୁର ଦୁଦୁଗାଁ ଅଞ୍ଚଳର ରଞ୍ଜନ ନାହାକ। ଶୁକ୍ରବାର ଖଇରା ଥାନା ଏସ୍ଆଇ ରଙ୍ଗବଲ୍ଲଭ ସ୍ୱାଇଁଙ୍କ ଦ୍ୱାରା ଏହି ଚଢ଼ାଉ କରାଯାଇଥିବା ବେଳେ ସେମାନଙ୍କ ନାମରେ ଏକ ମାମଲା(ନଂ.୧୫୫/୨୩)ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଖବରଦାତାଙ୍କୁ ପ୍ରବେଶ ମନା

ବାରିପଦା ଅଫିସ,୬ା୫-ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇଥିବା ବେଳେ ଖବରଦାତାମାନଙ୍କୁ ଉତ୍ସବସ୍ଥଳକୁ ଛଡ଼ା ଯାଇ ନ ଥିଲା। ସକାଳ ୮ଟାରୁ ଖବରଦାତାମାନେ ବିଶ୍ୱବିଦ୍ୟାଳୟ ପରିସରରେ ଖବର ସଂଗ୍ରହ ନିମନ୍ତେ ଅପେକ୍ଷା କରିଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ଏନେଇ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

### ଚକୋଲେଟ ପାଇ ଖୁସି ହେଲେ ଛାତ୍ରୀଛାତ୍ର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ ଦିନିଆ ଗସ୍ତର ଅନ୍ତିମ ଦିବସରେ ବାରିପଦା ଗେଷ୍ଟ ହାଉସରୁ ବାହାରି ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଏହି ସମୟରେ ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା କୁନି କୁନି ପିଲାଙ୍କୁ ଦେଖି ଗାଡ଼ିରୁ ଓହ୍ଲାଇ ଚକୋଲେଟ ଦେଇଥିଲେ। ଚକୋଲେଟ ପାଇଥିବା ଛାତ୍ରୀଛାତ୍ରମାନେ ବେଶ ଖୁସି ଥିବା ଦେଖିବାକୁ ମିଳିଥିଲା।

### ନିମନ୍ତ୍ରିତ ଅତିଥିଙ୍କୁ ଅସମ୍ମାନ, ଚିରିଦେଲେ ନିମନ୍ତ୍ରଣ ପତ୍ର

ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ନିମନ୍ତ୍ରିତ ଅତିଥିଙ୍କୁ ଅପମାନିତ କରାଯିବା ଘଟଣାକୁ ଉଦ୍‌ବେଗ ପ୍ରକାଶ ପାଇଛି। ନିମନ୍ତ୍ରଣ ପାଇ ଆସିଥିବା ପ୍ରାକ୍ତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ଅସନ୍ତୋଷ ପ୍ରକାଶ କରି ନିମନ୍ତ୍ରଣ ପତ୍ର ଚିରି ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଥିଲା। ଉତ୍ସବରେ ଉପସ୍ଥିତ ହେବା ନିମନ୍ତେ ସ୍ୱତନ୍ତ୍ର ପ୍ରବେଶ କାର୍ଡ ଦିଆଯାଇ ନ ଥିବାରୁ ଅନେକ ନିମନ୍ତ୍ରିତ ଅତିଥି ଅଡିଟୋରିୟମକୁ ପ୍ରବେଶ କରିପାରି ନ ଥିଲେ । ପ୍ରବେଶ ପଥରେ ପୋଲିସର କଡ଼ା ସୁରକ୍ଷା ରହିଥିବା ବେଳେ ବିନା କାର୍ଡରେ ଭିତରକୁ ଛାଡି ନ ଥିଲେ।



ତିନି ଦିନିଆ ମୟୂରଭଞ୍ଜ ଜିଲା ଗସ୍ତ ସାରି ନୂଆଦିଲ୍ଲୀ ଫେରିଯିବା ସମୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଦାୟ ଦେଉଛନ୍ତି।

# ଜନଜାତି ସମ୍ପ୍ରଦାୟ ଲୋକଙ୍କ ସହ ଭାବବିନିମୟ କଲେ ରାଷ୍ଟ୍ରପତି

ବାରିପଦା ଅଫିସ,୬ା୫

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନଜାତି ସମ୍ପ୍ରଦାୟ ଲୋକଙ୍କ ସହିତ ଭାବବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଓ ରାଜ୍ୟ ଜଙ୍ଗଲ ଓ ପ୍ରାଣୀ ସମ୍ପଦ ବିକାଶ, ପଞ୍ଚାୟତିରାଜ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଉପସ୍ଥିତ ଥିଲେ। ଜିଲାରେ ବସବାସ କରୁଥିବା ଲୋଧା, ଖଡିଆ, ମାଙ୍କିଡିଆ ସମ୍ପ୍ରଦାୟର ସ୍ଥିତି ଉପରେ ଯଶିପୁର ଆଦି ବ୍ଲକ ଅଞ୍ଚଳରୁ ଆସିଥିବା ଲୋକମାନଙ୍କ



ଜନଜାତି ସମ୍ପ୍ରଦାୟ ମହିଳାଙ୍କ ସମସ୍ୟା ପଚାରି ବୁଝୁଛନ୍ତି ରାଷ୍ଟ୍ରପତି।

ସହିତ ଭାବବିନିମୟ କରିଥିଲେ। ଭାରତରେ ୭ଶହରୁ ଉର୍ଦ୍ଧ୍ୱ ଜନଜାତି ବସବାସ କରୁଥିବା ବେଳେ ୭୫ପ୍ରକାର ଅତ୍ୟନ୍ତ ସମ୍ବେଦନଶୀଳ ଥିବା ସ୍ଥଳେ ଓଡ଼ିଶାରେ ୬୨ଟିରୁ ଉର୍ଦ୍ଧ୍ୱ ଜନଜାତିଙ୍କ ମଧ୍ୟରୁ ୧୩ ପ୍ରକାର ଜାତି ଅତ୍ୟନ୍ତ ସମ୍ବେଦନଶୀଳ ଅଟନ୍ତି। ସାମାଜିକ, ଆର୍ଥିକ ଓ ଶିକ୍ଷାର ଉନ୍ନତି ନିମନ୍ତେ ସେମାନଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ରାଷ୍ଟ୍ରପତି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବାସଗୃହ, ଜଙ୍ଗଲ ଜମି ପଟ୍ଟା, ଏକଲବ୍ୟ ବିଦ୍ୟାଳୟ ଅଧୀନ ସୁବିଧା ସୁଯୋଗ ମିଶନ ମୋଡ୍‌ରେ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜନଜାତି ଲୋକଙ୍କୁ ସେ ଆଣିଥିବା ଉପହାର ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ବେଆଇନ କରତକଳରେ ଚଢ଼ାଉ



ବାସୁଦେବପୁର, ୬ା୫(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଇରମ ପଞ୍ଚାୟତର ବଢ଼େଇପଦଠାରେ ଚାଲିଥିବା ଏକ ବେଆଇନ କରତକଳରେ ଶନିବାର ପୂର୍ବାହ୍ନରେ ବନଖଣ୍ଡ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ୮୦ ସିଫ୍ଟରୁ ଉର୍ଦ୍ଧ୍ୱ କାଠ, କରତକଳ ହୁଇଲ, ବେଲ୍ଟ, କରତପାତ ସହ ସମସ୍ତ ଯନ୍ତ୍ରାଂଶ ଜବତ ହୋଇଛି। ଗତ କିଛିଦିନ ଧରି ଏଠାରେ ବେଆଇନ କରତକଳ ଚାଲୁଥିବା ନେଇ ବନଖଣ୍ଡ ବିଭାଗ ପାଖରେ ଅଭିଯୋଗ ପରେ ପୋଲିସ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା। ଭଦ୍ରକ ଏସିଏଫ୍ ସୁମିତ ମହାନ୍ତିଙ୍କ ନେତୃତ୍ୱରେ ରେଞ୍ଜର କପିଳେନ୍ଦ୍ର ପ୍ରଧାନଙ୍କ ସମେତ ଜିଲା ବନଖଣ୍ଡ ବିଭାଗ ଅଧିକାରୀମାନେ ଚଢ଼ାଉରେ ସାମିଲ ଥିଲେ। ତେବେ କରତକଳ ଚଳାଉଥିବା ବ୍ୟକ୍ତି ଫେରାର ହୋଇଯାଇଥିବା ବନ ବିଭାଗ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଏସିଏଫ୍ ମହାନ୍ତି କହିଛନ୍ତି।

### ଉଦଳାରେ ଅଷ୍ଟ ପ୍ରହର ନାମଯଜ୍ଞ

ଉଦଳା,୬ା୫(ଡି.ଏନ.ଏ.)- ଉଦଳା ହାଇସ୍କୁଲ ଛକଠାରେ ଥିବା ତ୍ରିନାଥ ଗୋସାଇଁ କମିଟି ପକ୍ଷରୁ ଅଷ୍ଟ ପ୍ରହର ନାମଯଜ୍ଞ ସମାପିତ ହୋଇଯାଇଛି। ଏଥିରେ ପଡ଼ୋଶୀ ପଶ୍ଚିମବଙ୍ଗ ଏବଂ ବାଲେଶ୍ୱର ଓ ଭଦ୍ରକ ଜିଲାର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ନୀତିକାନ୍ତି ଅନୁସାରେ ଯଥାରୀତି ପୂଜାର୍ଚ୍ଚନା ସହ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ନାମଯଜ୍ଞରେ ବହୁ ସଂକୀର୍ତ୍ତନ ପ୍ରେମୀ, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ମୁଖ୍ୟକର୍ତ୍ତା ଭାବେ ମଧୁସୂଦନ ଦାସ, ଡିକେନ୍ସ ବେହେରା, ଏମ୍ ଶୁଭାଶିଷ ଘଟୋତ୍ତଳନ କରିଥିଲେ। କମିଟିର ସଭାପତି ଅଶୋକ କୁମାର ଦାସ ଏବଂ ବରିଷ୍ଠ ଉପଦେଷ୍ଟା ପ୍ରଦୀପ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଅଷ୍ଟପ୍ରହର ନାମଯଜ୍ଞ ଶାନ୍ତିଶୃଙ୍ଖଳାର ସହିତ ସମାପିତ ହୋଇଥିଲା । ବରିଷ୍ଠ ସଦସ୍ୟ ଅମୀୟ କୁମାର ବଳ, ବିଜନ ନାୟକ, ରଞ୍ଜନ କୁମାର ମହାନ୍ତି, ଅବୁଜ ବାରିକ, ମୁରଲୀ ଶିଅଳଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଖଇରାର ବିଭିନ୍ନ ସ୍ଥାନରେ ଚନ୍ଦନ ଯାତ୍ରା

ଖଇରା, ୬ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଚନ୍ଦନ ଯାତ୍ରା ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଖଇରା ପଞ୍ଚାୟତ ବଣପାରିଆ ଗ୍ରାମରେ ପ୍ରଭୁ ଶ୍ରୀ ଶ୍ୟାମରାଇ ଜୀଉଙ୍କ ନାବକେଳି ଶହ ଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଶ୍ରୀଧର ପଲେଇ, ସମ୍ପାଦକ ଉମ୍ବରୁଧର ସାମଲ, କୋଷାଧ୍ୟକ୍ଷ ମନୋରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରସିଦ୍ଧ ଜଳଙ୍ଗ ଚଣ୍ଡୀମନ୍ଦିର ସମ୍ମୁଖ ପୋଖରୀରେ ଟ୍ରଷ୍ଟି ପ୍ରଫୁଲ୍ଲ ଦାସ, ଅଧିକାରୀ ଶଙ୍କର୍ଷଣ ଦାଶ, ପଣ୍ଡିତ ତ୍ରୈଲୋକ୍ୟ ତିଆଡି, ବେଣୁଧର ତିଆଡି, ଉମାକାନ୍ତ ପଣ୍ଡା ତଥା ଜଳଙ୍ଗ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥିଲା। ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ରାଧାକୃଷ୍ଣଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାଛଡା ଫଙ୍ଗୁଣାସ୍ଥିତ ମଦନମୋହନ ଜୀଉଙ୍କ ଚନ୍ଦନ ଯାତ୍ରା ଶ୍ରଦ୍ଧାଳୁଙ୍କ ଗହଣରେ ଆୟୋଜିତ ହୋଇଛି। ରାମଚନ୍ଦ୍ର ଶତପଥି, ଦେବନ ନାୟକ, ରାଜୁ ନାୟକ, ପଦ୍ମଲୋଚନ ବାରିକ, ଟିମା ରାଉତ, ବଳିଆ ରାଉଳ ଓ ରଘୁନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହାଛଡା ସୁଣ୍ଡିରୋ, ଗଣ୍ଡିବେଡ, ସାଉଣ୍ଡିଆ, ଅଲିପୁର, ହନ୍ନବାବୀ ଆଦି ସ୍ଥାନରେ ପାରମ୍ପରିକ ରୀତିରେ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଛି।



ବଣପାରିଆ ଚନ୍ଦନ ଯାତ୍ରାରେ ଦିଅଁଙ୍କୁ ନୌକା ଉପରକୁ ନିଆଯାଉଛି।

## ନାବାଳିକାଙ୍କ ଆତ୍ମହତ୍ୟା

ବସ୍ତା/ଲଙ୍ଗଳେଶ୍ୱର, ୬ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ସାଉଡ଼ି ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଜଣେ ନାବାଳିକା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଶନିବାର ସକାଳେ ଘରେ କେହି ନ ଥିବା ବେଳେ ଏହାର ସୁଯୋଗ ନେଇ ଉକ୍ତ ନାବାଳିକା ବିଷ ପିଇ ଦେଇଥିଲେ। ପରିବାର ଲୋକେ ଦେଖି ସଙ୍ଗେ ସଙ୍ଗେ ନିକଟସ୍ଥ ଲଙ୍ଗଳେଶ୍ୱର ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ବସ୍ତା ହସ୍ପିଟାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଶବ ଜବତ କରିବା ସହ ଅପମୃତ୍ୟୁ ମାମଲା(ନଂ. ୧୫/୨୩) ରୁଜୁ କରି ବ୍ୟବଚ୍ଛେଦ କରାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ,୬ା୫:** ଭଦ୍ରକ ଜିଲା ଆଗରପଡ଼ା ନିକଟସ୍ଥ ରଟିଣା ପଞ୍ଚାୟତ ଆମ୍ବହତା ଲକ୍ଷ୍ମୀନାରାୟଣ ସଂସ୍କୃତ ବିଦ୍ୟାପୀଠରେ ଶିକ୍ଷକ ରବୀନ୍ଦ୍ର ନାଥ ଶତପଥୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ପଣ୍ଡିତ ନିରୁପମା ଶତପଥୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ମଣିଚରଣ ଶତପଥୀ, ବାଲେଶ୍ୱର ସଂସ୍କୃତ ମହାମଣ୍ଡଳର ପୂର୍ବତନ ସଭାପତି ନାରାୟଣ ଚନ୍ଦ୍ର ଦାସ, ସମ୍ପାଦକ ମନ୍ମଥ ମିଶ୍ର, ରାଜ୍ୟ ସଂସ୍କୃତ ମହାମଣ୍ଡଳ ପରୀକ୍ଷା ନିୟନ୍ତ୍ରକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ମହିଳାଙ୍କୁ ହତ୍ୟା ଅଭିଯୋଗ

ରୂପସା, ୬ା୫(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ପାଳସିଆ ଗ୍ରାମରେ ଶନିବାର ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ମୃତକ ଜଣକ ହେଲେ ଏହି ଗ୍ରାମର ପ୍ରଦୀପ ଦାସଙ୍କ ସ୍ତ୍ରୀ ମାମା (୨୫)।

ଶନିବାର ମାମାଙ୍କ ଖଣ୍ଡ ବିଖଣ୍ଡିତ ଶରୀରକୁ ତାଙ୍କ ଶ୍ୱଶୁରଘର ଲୋକେ ଦାହ କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଖବରପାଇ ମାମାଙ୍କ ବାପଘର ଲୋକ ସେଠାରେ ପହଞ୍ଚିଥିଲେ। ଘରୋଇ କଳିକୁ କେନ୍ଦ୍ର କରି ମାମା ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିବା ତାଙ୍କ ଶ୍ୱଶୁର ଘର ଲୋକ ପ୍ରଥମେ ପ୍ରକାଶ କରିଥିଲେ। ଅଧିକ ପଚରାଉଚରା କରିବା ପରେ ମାମାଙ୍କ ସ୍ୱାମୀ ଓ ଶ୍ୱଶୁର ସେଠାରୁ ଖସି ପଳାଇଥିବା ବେଳେ ତାଙ୍କର ଦିଅର ଓ ଶାଶୁଙ୍କୁ ବାପଘର ଲୋକ ମୋରଡ଼ା ନେଇଆସିଥିବା ଜଣାପଡ଼ିଛି। ବସ୍ତା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ତାଙ୍କୁ ଘରେ ହତ୍ୟା କରାଯାଇ ଟ୍ରେନ ଲାଇନରେ ପକାଯାଇଥିବା ତାଙ୍କ ବାପଘର ଲୋକ ଅଭିଯୋଗ ଆଣିଛନ୍ତି। ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ବସ୍ତା ଓ ରୂପସା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ବିବାହ ବାର୍ଷିକୀରେ ସଚେତନତା ବାର୍ତ୍ତା

ରୂପସା, ୬ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଡ଼ିଆ ପଞ୍ଚାୟତ ଅଧୀନ ପେଗରପଡ଼ା ଗ୍ରାମର ସାମାଜିକ କର୍ମୀ ତଥା ବିଶିଷ୍ଟ ବ୍ୟବସାୟୀ ସୁମନ୍ତ କୁମାର ଜେନା ଏବଂ ତାଙ୍କ ସ୍ତ୍ରୀ ସୁଲୋଚନା ଜେନାଙ୍କ ୧୮ତମ ବିବାହ ବାର୍ଷିକୀକୁ ନିଆରା ଢଙ୍ଗରେ ପାଳନ କରିଛନ୍ତ। ଚାରାରୋପଣ କରିବା ସହିତ ଦୁହେଁ ରକ୍ତଦାନ କରି ସମାଜ ପାଇଁ ଏକ ଉଦାହରଣ ପାଲଟିଛନ୍ତି। ପରିବେଶ ସୁରକ୍ଷା ବାର୍ତ୍ତା ଦେବା ସହ ରକ୍ତଦାନ ମହତ ଦାନ ବୋଲି ଦୁହେଁ ଆହ୍ୱାନ ଦେଇଛନ୍ତି।

ମଥାନୀ କଟିପୋଲ ନିକଟ ୧୬ନମ୍ବର ଜାତୀୟ ରାଜପଥ ବାସନ୍ତୀ ପ୍ଲାଜା ନିକଟରେ ସାମାଜିକ କର୍ମୀ ସୁମନ୍ତ କୁମାର ଜେନା ଓ ସହଧର୍ମିଣୀ ସୁଲୋଚନା ଜେନା ବିଭିନ୍ନ ଚାରାରୋପଣ କରି ଦୁହେଁ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଆୟୋଜନ ହୋଇଥିଲା। ସାମାଜିକ କର୍ମୀ ମହାଦେବ ଦାସ, ପିଙ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ସମ୍ପାଦକ ବିଜୟ ଜୀ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା, ବାଲେଶ୍ୱର ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସଦସ୍ୟ କୁମୁଦ ରଞ୍ଜନ ଗିରି, ଆଇନଜୀବୀ ଅମର କୁମାର ପାଲ, ଖବରଦାତା ସର୍ବେଶ୍ୱର ଜେନା, ସତ୍ୟଭାମା ଜେନା, ଶିକ୍ଷକ ଗଣେଶ ଚନ୍ଦ୍ର ଜେନା, ଆମ୍ବଗଡ଼ିଆ ବିକାଶ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ଗଛମଣିଷ ବାଇନ ବେହେରା, ବୃକ୍ଷ ମଣିଷ ଅନ୍ତର୍ଯ୍ୟାମୀ ରାଉଳ, ଦେବେନ୍ଦ୍ର ଆଚାର୍ଯ୍ୟ, ଗୋପବନ୍ଧୁ ପ୍ରଧାନ, ଗୋପାଳ ଚନ୍ଦ୍ର ସାହୁ, କାଦମ୍ବିନୀ ପ୍ରଧାନ, ମଞ୍ଜୁବତି ବିଶ୍ୱାଳ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ।



ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଜେନା ଦମ୍ପତି।

### ଚାରାରୋପଣ, ରକ୍ତଦାନ କଲେ


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com




@ପ୍ରକାଶ



@ବବୁଲ୍



@କାଜଲ



@ବୁଡ୍‌ନୀ


ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# କାଳବୈଶାଖୀ: ଗଛ ପଡ଼ି ରାସ୍ତା ଅବରୋଧ, ଘର ଭାଙ୍ଗିଲା



ଏକ ଘର ଉପରୁ ଗଛ ହଟାଉଛନ୍ତି ଅଗ୍ନିଶମ କର୍ମଚାରୀ।

ବାରିକପୁର,୬ା୫(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପବନ ହୋଇଛି। ଶରଦପୁର-ତାଳସିଠା ରାସ୍ତାର ଶରଦପୁର, ଭଗିବିନ୍ଧ, ସରିପୁର, ତାଳସିଠା ଆଦି ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା । ଭଣ୍ଡାରିପୋଖରୀ ଦମକଳ ବାହିନୀ ପହଞ୍ଚି ପଡ଼ିଥିବା ଗଛ କାଟି ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ଝଡ଼ବର୍ଷାରେ ଶରଦପୁର ଗ୍ରାମର ଅମୂଲ୍ୟ ଦାସଙ୍କ ଘର ଉପରେ ଏକ ବିରାଟ ଗଛ ପଡ଼ି ଆଜବେଷ୍ଟସ ଭାଙ୍ଗିଯାଇଛି। ବିଭିନ୍ନ ସ୍ଥାନରେ ତାର ଛିଣ୍ଡି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି।

# ପୁନରୁଦ୍ଧାର ହେବ ବଡ଼ଛୁରୁଣୀ ଅମରା ମଠ

ବୈଶିଙ୍ଗା,୬ା୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ତହସିଲ ତଥା ବୈଶିଙ୍ଗା ଥାନା ଅଧୀନ ବଡ଼ଛୁରୁଣୀ ଗ୍ରାମରେ ଥିବା ଶହେ ବର୍ଷର ପ୍ରାଚୀନ ଅମରା ମଠର ପୁନରୁଦ୍ଧାର କରାଯିବ। ନିକଟରେ ରାଜ୍ୟ ସରକାର ଜିଲାରେ ଥିବା ବିଭିନ୍ନ ମଠ ମନ୍ଦିର ଉନ୍ନତିକରଣ ନିମନ୍ତେ ୧୦ କୋଟି ମଞ୍ଜୁର କରିଛନ୍ତି। ଏଥି ମଧ୍ୟରେ ଅମରା ମଠ ପୁନରୁଦ୍ଧାର ପାଇଁ ୧୦ ଲକ୍ଷ ବ୍ୟୟ ବରାଦ ହୋଇଛି। ଏହାକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ମଠରେ ପ୍ରବଚନ ଓ ନାମ ସଂକୀର୍ତ୍ତନ ଆଦି ଆୟୋଜନ ହୋଇଥିଲା।

ପ୍ରକାଶ ଯେ, ମୟୂରଭଞ୍ଜ ରାଜ ପରିବାର ଦ୍ୱାରା ମଠ ପ୍ରତିଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ କେଶରୀପୁର ମୌଜାର ନନ୍ଦ ଗୋସ୍ୱାମୀ ପରିବାର ପକ୍ଷରୁ ପୁରୁଷାନୁକ୍ରମିକ ମଠର ମହନ୍ତ ଗାଦିରେ ଅଭିଷିକ୍ତ ହୋଇ ସେବାପୂଜା ସହିତ ନୀତିକାନ୍ତି, ପର୍ବପର୍ବାଣୀ ଆଦି ସମ୍ପାଦନ କରିଆସୁଥିଲେ। ପରବର୍ତ୍ତୀ ସମୟରେ ଦେବୋତ୍ତର ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯାଇଥିଲା। ଆର୍ଥିକ ଦୂରାବସ୍ଥା ଯୋଗୁ ମଠର ସେବାପୂଜା, ରକ୍ଷଣାବେକ୍ଷଣ କାର୍ଯ୍ୟ ହୋଇ ନ ପାରି ଅଚଳାବସ୍ଥାରେ ପହଞ୍ଚିଥିବା ବେଳେ ସେବାପୂଜାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ନେଇ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଟ୍ରଷ୍ଟ ପକ୍ଷରୁ ରମାକାନ୍ତ ଗୋଛାୟତ, ଗିରିଶ ଚନ୍ଦ୍ର ବିଶ୍ୱାଳ, କମଳାକାନ୍ତ ମଳିକ, ବସନ୍ତ ଖୁଣ୍ଟିଆ, ମନୋରଞ୍ଜନ ଖଟୁଆ, ରମାକାନ୍ତ ଜେନା, ଭବେଶ ଚନ୍ଦ୍ର ବେହେରା, ତରଣୀସେନ ନାଏକ, ଦୀନବନ୍ଧୁ ନାୟକ, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

